# ବିଦ୍ୟୁତ୍ ଯୋଗାଣର ଗୁଣାତ୍ମକମାନ ବୃଦ୍ଧି ସହିତ ବିଦ୍ୟୁତ୍ ବଣ୍ଟନ କମ୍ପାନୀମାନେ ସ୍ୱରୋଜଗାରକ୍ଷମ ହେବା ଉପରେ କେତୋଟି ପ୍ରାସଙ୍ଗିକ ତଥ୍ୟ

ଉପସ୍ଥାପନା


କେ ସି ବଡୁ, ସଦସ୍ୟ,
ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ,
ଭୁବନେଶ୍ୱର


ତା ୦୫.୦୧.୨୦୧୧

# ଉପସ୍ଥାପନାର ସାରାଂଶ

- ବିଦ୍ୟୁତ୍ ଉପଭୋକ୍ତାମାନେ କଣ ଚାହାଁନ୍ତି ?
- ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ, ଏନ୍‌ଟିପିସି, ଓପିଟିସିଏଲ୍ ଓ ଗ୍ରୀଡ଼କୋ କ'ଣ କହୁଛନ୍ତି ?
- ବିଦ୍ୟୁତ୍ ବିତରଣ କଂପାନୀମାନେ କଣ କହୁଛନ୍ତି ?
- ରାଜ୍ୟ ସରକାର କଣ କରୁଛନ୍ତି ?
- ଇଲେକ୍ଟ୍ରିସିଟି ଆକ୍ଟ, ୨ ୦ ୦ ୩ ଏବଂ ଓଡିଶା ବିଦ୍ୟୁତ ନିୟାମକ ଆୟୋଗଙ୍କ କାର୍ଯ୍ୟ
- ବିଦ୍ୟୁତ୍‌ଶୁଳ୍କ ନିର୍ଦ୍ଧାରଣ ନିୟମ
- ବିଦ୍ୟୁତ୍‌ଶୁଳ୍କ କିପରି ନିର୍ଦ୍ଧାରଣ କରାଯାଏ
- ବିଦ୍ୟୁତ୍‌ଶୁଳ୍କ ବୃଦ୍ଧିର କାରଣ
- ଶେଷକଥା

# ବିଦ୍ୟୁତ୍ ଉପଭୋକ୍ତାମାନେ କଣ ଚାହାଁନ୍ତି

- ନିରବଚ୍ଛିନ୍ନ ଭାବରେ ଦିନକୁ ୨୪ ଘଣ୍ଟା ଉତ୍ତମାନର ବିଦ୍ୟୁତ୍ ପ୍ରତ୍ୟେକ ବିଦ୍ୟୁତ୍ ଉପଭୋକ୍ତାଙ୍କୁ ମିଳୁ ।
- ଉତ୍ତମ ଭୋଲଟେଜ୍ ମିଳୁ କିନ୍ତୁ କମ୍ ଦରରେ ମିଳୁ , ମାଗଣାରେ ଯଦିମିଳିଲା, ଆହୁରି ବଢ଼ିଆ ।
- Distribution transformer ଗୁଡିକ ପୋଡିଗଲେ ସହରାଞ୍ଚଳମାନଙ୍କରେ ୨୪ ଘଣ୍ଟା ମଧ୍ୟରେ ଏବଂ ଗ୍ରାମାଞ୍ଚଳଗୁଡିକରେ ୪୮ ଘଣ୍ଟାମଧ୍ୟରେ ପରିବର୍ତ୍ତନ କରି ବିଦ୍ୟୁତ୍ ଯୋଗାଣ ଜାରି ରଖିବା ପାଇଁ ଯେଉଁ ନିୟମ ଅଛି ତାହାକୁ ବିଦ୍ୟୁତ୍ ବଣ୍ଟନ କମ୍ପାନୀମାନେ କାର୍ଯ୍ୟକାରୀ କରନ୍ତୁ ।
- ଭଙ୍ଗା ଖୁଣ୍ଟ, ଦଦରା ତାର ଇତ୍ୟାଦି ତୁରନ୍ତ ପରିବର୍ତ୍ତନ କରାଯାଉ ।
- ଅନେକ କ୍ଷେତ୍ରରେ ବିଦ୍ୟୁତ୍ ବିଲ୍ ଠିକ୍ ସମୟରେ ପଇଠ ନକରି ମଧ୍ୟ ବିଦ୍ୟୁତ୍ ଲାଇନ୍ କଟା ନଯାଉ ।
- ଆଖପାଖରେ ବିନା ଅନୁମତିରେ ହୁକପକାଇ ବିଦ୍ୟୁତ୍ ଜାଳିଲେ ମଧ୍ୟ ପାଖାପାଖି ବିଦ୍ୟୁତ ଉପଭୋକ୍ତାମାନେ ଗଣ୍ଡଗୋଳ ବା ଝାମେଲାକୁ ଭୟକରି କାହାକୁ କିଛି ନକହିବା କେତେକ କ୍ଷେତ୍ରରେ ଶ୍ରେୟ ମନେକରନ୍ତି ।
- ଅଭିଯୋଗ ନିର୍ଦ୍ଧାରିତ ସମୟରେ ସମାଧାନ ହେଉ
- ଉପଯୁକ୍ତ ମିଟର ଦ୍ୱାରା ବିଦ୍ୟୁତ୍ ଯୋଗାଣର ସଠିକ ପରିମାଣ ନିର୍ଦ୍ଧାରିତ
- ଉତ୍ତମ ଗ୍ରାହକ ସେବା – କର୍ମଚାରୀମାନେ ଉପଭୋକ୍ତାମାନଙ୍କୁ ଭଲ ବ୍ୟବହାର କରିବା ଦରକାର ।

# ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ, ଏନ୍‌ଟିପିସି, ଓପିଟିସିଏଲ୍ ଓ ଗ୍ରୀଡ଼କୋ କ'ଣ କହୁଛନ୍ତି ?

- ଜଳ ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ରଗୁଡ଼ିକ ପୁରୁଣା ହୋଇଯିବା, ଜଳଭଣ୍ଡାରରେ ପଟୁ ଜମିଯିବା, ବର୍ଷାର ଅନିୟମିତତା, ମରାମତି ପାଇଁ ଯନ୍ତ୍ରପାତିର ଦାମ ବଢ଼ିଯିବା, ଚାଷ କାର୍ଯ୍ୟ, ପିଇବା ପାଣି ଓ ଶିଳ୍ପ ସଂସ୍ଥା ପାଇ ଆବଶ୍ୟକତା ବଢ଼ିଯାଉଥିବାରୁ ଜଳବିଦ୍ୟୁତ୍ ଉତ୍ପାଦନ କମି କମି ଯାଉଛି । ଖର୍ଚ୍ଚ ନ କମିବା ଯୋଗୁ ଜଳବିଦ୍ୟୁତ୍‌ର ବିକ୍ରୟ ମୂଲ୍ୟ ବୃଦ୍ଧି ହେବା ଦରକାର । Hydro generation contribution has reduced from 57% to 17%.

**Table-1**

| | 2004-05 | 2005-06 | 2006-07 | 2007-08 | 2008-09 | 2009-10 | 2010-11 (upto Sep'10) |
|---|---|---|---|---|---|---|---|
| State Demand (In MU) | 12499.45 | 13483.75 | 15119.93 | 17212.51 | 18771.82 | 19480.85 | 10554.45 |
| State Hydro Generation for Sale (incl. small hydro)(MU) | 7087.82 | 5234.48 | 7357.58 | 7885.81 | 5826.12 | 4211.86 | 1769.70 |
| % of State hydro to total State demand | 56.71 | 38.82 | 48.66 | 45.81 | 31.04 | 21.62 | 16.77 |



% of Share from State Hydro Generation to Total State Demand (Declining trend)
M U
Percentage
Year
20000
16000
12000
8000
4000
0
80
60
40
20
-
2004-05
2005-06
2006-07
2007-08
2008-09
2009-10
2010-11 (upto Sep'10)
12499
7088
13484
5234
15120
7358
17213
7886
18772
5826
19481
4212
10554
1770
56.7
38.8
48.7
45.8
31.0
21.6
16.8
State Demand (In MU)
State Hydro Generation for Sale(MU)
% of State hydro to total State demand

# ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ, ଏନ୍‌ଟିପିସି, ଓପିଟିସିଏଲ୍ ଓ ଗ୍ରୀଡ଼କୋ କ'ଣ କହୁଛନ୍ତି ?

- କୋଇଲା, ଫର୍‌ନେସ୍ ଅୟଲ, କୋଇଲା ପରିବହନ ଇତ୍ୟାଦିର ଖର୍ଚ୍ଚ ଦିନକୁ ଦିନ ବୃଦ୍ଧି ପାଉଥିବାରୁ NTPC, TTPS, OPGC ଇତ୍ୟାଦି ସଂସ୍ଥାମାନେ ଯେଉଁ ତାପଜ ବିଦ୍ୟୁତ୍ ଉତ୍ପାଦନ କରୁଛନ୍ତି ତା'ର ବିକ୍ରୟ ମୂଲ୍ୟ ମଧ ବର୍ଷକୁ ବର୍ଷ ବଢୁଛି ।
- Actual price of purchase by GRIDCO from generators has increased from 149.61 Paise per unit in 2008-09 to 201.72 Paise per unit in 2009-10 and 208.49 Paise per unit in 2010-11 (Upto Sept. 2010)
- ଉପଭୋକ୍ତାଙ୍କ ସଂଖ୍ୟା ବଢ଼ିବା, ସେମାନଙ୍କର ବିଦ୍ୟୁତ୍ ବ୍ୟବହାର ବୃଦ୍ଧି ପାଇବା, ଦୁର୍ଗମ ଅଞ୍ଚଳକୁ ବିଦ୍ୟୁତ୍ ପରିବହନ କରିବା, low voltage ସମସ୍ୟା ସମାଧାନ କରିବା ପାଇଁ ନୂଆ Power Transformer ବସାଇବା ଓ Transformer upgrade କରିବା, transmission line ଟାଣିବା ଓ repair ଇତ୍ୟାଦି ବାବଦକୁ ଖର୍ଚ୍ଚ ବୃଦ୍ଧି ପାଉଥିବାରୁ OPTCL Transmission tariff ବୃଦ୍ଧି କରିବା ଦାବିର ଯଥାର୍ଥତା ପ୍ରତିପାଦନ କରୁଛି ।
- ଗ୍ରୀଡ଼କୋ, OHPC, OPGC ଓ ବିଭିନ୍ନ ସୂତ୍ରରୁ ଅଧିକା ଦରରେ ବିଦ୍ୟୁତ୍ କିଣି ବିଦ୍ୟୁତ୍ ନିୟାମକ ଆୟୋଗ ନିର୍ଦ୍ଧାରଣ କରୁଥିବା କମ୍ ମୂଲ୍ୟରେ ବିଦ୍ୟୁତ୍ ବିତରଣ କମ୍ପାନୀମାନଙ୍କୁ ଦେଇ ଯେଉଁ କ୍ଷତି ହେଉଥିଲା ସେହି କ୍ଷତିକୁ ରାଜ୍ୟର ଚାହିଦାକୁ ମେଣ୍ଟାଇଲା ପରେ ବାହାର ରାଜ୍ୟକୁ ବଳକା ବିଦ୍ୟୁତ୍ ଶକ୍ତି ବିକ୍ରୟ କରି ଯେଉଁ ଲାଭ ଅର୍ଜନ କରୁଥିଲା ତାହା ଭରଣା କରିପାରୁଥିଲା । ଆୟୋଗ ARR ରେ ଛାଡ଼ଥିବା GAP ଓ Actual Position ର ବିବରଣୀ ନିମ୍ନରେ ପ୍ରଦାନ କରାଗଲା ।

## ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ, ଏନ୍‌ଟିପିସି, ଓପିଟିସିଏଲ୍ ଓ ଗ୍ରୀଡ଼କୋ କ'ଣ କହୁଛନ୍ତି ?... କ୍ରମଶଃ...

**Table-2** (Rs. in Cr.)

| Year | Gap in ARR | Actual Gap | Net Gap |
|---|---|---|---|
| 2006-07 | (-) 504.52 | (+)547.55 | 43.03 |
| 2007-08 | (-) 464.86 | (+) 1052.34 | 587.48 |
| 2008-09 | (-) 410.05 | (+) 528.62 | 118.27 |
| 2009-10 | (-) 882.85 | (-)1673.70 | (-)1673.70 |
| 2010-11 | (-) 806.16 | (-) 598.87(Upto Sept,10) | (-) 598.87(Upto Sept,10) |

- ଏହା ଫଳରେ ୨୦୦୨-୦୩ ସୁଦ୍ଧା ଗ୍ରୀଡ଼କୋର ମୋଟ କ୍ଷତିର ପରିମାଣ ୧୮୬୭.୦୩ କୋଟି ଟଙ୍କାରୁ ହ୍ରାସ ପାଇ ୨୦୦୮-୦୯ରେ ୧୫୮.୨୦ କୋଟି ଟଙ୍କା କ୍ଷତିକୁ କମିଯାଇଥିଲା, କିନ୍ତୁ ବଳକା ବିଦ୍ୟୁତ୍ ଶକ୍ତି ବାହାର ରାଜ୍ୟକୁ ବିକ୍ରି କରିବାକୁ ନଥିବାରୁ ୨୦୦୯-୧୦ ଶେଷ ସୁଦ୍ଧା ପୁଣି ଏହି କ୍ଷତି ୧୮୩୧.୯୦ କୋଟି ଟଙ୍କାକୁ ବୃଦ୍ଧି ପାଇଛି (-୧୫୮.୨୦ + -୧୬୭୩.୭୦ କୋଟି ଟଙ୍କା ୨୦୦୯-୧୦) ଓ ୨୦୧୦-୧୧ ମସିହାରେ ସେପ୍ଟେମ୍ବର ୨୦୧୦ ସୁଦ୍ଧା କ୍ଷତିର ପରିମାଣ ୫୯୮.୮୭ କୋଟି ଟଙ୍କାରେ ପହଞ୍ଚିଲାଣି (Cummulative Gap upto Sept., 2010 Rs.2430.77 cr)
- ଯେହେତୁ ବାହାର ରାଜ୍ୟକୁ ବିକିବା ପାଇଁ ବଳକା ବିଦ୍ୟୁତ୍ ଉପଲବ୍ଧ ହେଉନାହିଁ ଓ ବିଦ୍ୟୁତ୍ ଉତ୍ପାଦନକାରୀ ସଂସ୍ଥାମାନେ ବିଦ୍ୟୁତ୍ ଯୋଗାଇବା ପାଇଁ ଅଧିକା ଦାମ୍ ଦାବି କରୁଛନ୍ତି ତେଣୁ ଗ୍ରୀଡ଼କୋ ଆଗରୁ ବିଦ୍ୟୁତ୍ ବିତରଣ କମ୍ପାନୀମାନଙ୍କୁ ଯେଉଁ କମ୍ ଦାମରେ ବିଦ୍ୟୁତ୍ ଯୋଗାଇ ଆସୁଥିଲା ତାହା ଆଉ ସମ୍ଭବ ହୋଇପାରୁନାହିଁ ।

# ବିଦ୍ୟୁତ୍ ବଣ୍ଟନ କମ୍ପାନୀମାନେ କଣ କହୁଛନ୍ତି

- ବିଦ୍ୟୁତ୍ ବିତରଣ ଜନିତ କ୍ଷତି ୩୭.୨୪% ଓ ସାମଗ୍ରୀକ ବୈଷୟିକ ଓ ବାଣିଜ୍ୟିକ କ୍ଷତି ୩୯.୧୫ % ହେଉଥିବାରୁ ଗ୍ରୀଡକୋ ଠାରୁ ୧୦୦ ୟୁନିଟ କିଣୁଥିଲାବେଳେ, ବିଲ୍ ମାତ୍ର ୬୨.୭୬ ୟୁନିଟ ବା ୬୩ ୟୁନିଟର ଉପଭୋକ୍ତାମାନଙ୍କୁ ଦିଆ ଯାଉଛି ଓ ୬୦.୮୫ ୟୁନିଟ ବା ୬୧ ୟୁନିଟରୁ ବିଲ୍ ଆଦାୟ କରାଯାଉଛି । ଅର୍ଥାତ୍ ବିତରଣ କମ୍ପାନୀମାନେ ୬୧ ୟୁନିଟର ବିକାଦାମ୍ ରୁ ୧୦୦ ୟୁନିଟର କ୍ରୟମୂଲ୍ୟ ଦେଲାପରେ, କର୍ମଚାରୀମାନଙ୍କର ଦରମା, ପେନ୍ସନ, ଲାଇନ୍ ଟ୍ରାନସ୍ଫରମର ଇତ୍ୟାଦି ରକ୍ଷଣାବେକ୍ଷଣ ପାଇଁ ସେମାନଙ୍କର ପାଣ୍ଠି ଉପଲବ୍ଧ ହୋଇପାରୁନାହିଁ । ବିଦ୍ୟୁତ୍‌ଚୋରୀ ଓ ଅନାଦେୟ ବିଦ୍ୟୁତ୍ ଦେୟ ମୁଖ୍ୟ ସମସ୍ୟା । ସରକାରୀ ବିଭାଗ, ମୁନିସପାଲିଟି, ପଞ୍ଚାୟତ ସଂସ୍ଥା ଇତ୍ୟାଦିମାନଙ୍କର ବିଦ୍ୟୁତ୍ ଦେୟ ୧.୪.୨୦୧୦ରେ ୩୮୮.୭୯ କୋଟି ଟଙ୍କା ବାକି ଥିଲା ବେଳେ ୩୦.୯.୨୦୧୦ ସୁଦ୍ଧା ବୃଦ୍ଧି ପାଇଁ ୪୩୮.୭୮କୋଟି ଟଙ୍କାରେ ପହଞ୍ଚିଲାଣି । ଏହି ମଧ୍ୟରୁ କେବଳ ମୁନିସପାଲଟି ମାନଙ୍କର ୧.୪.୨୦୧୦ ସୁଦ୍ଧା ବାକି ୧୦୮.୨୪ କୋଟି ଟଙ୍କା ।

# Overall Performance of DISCOMs

## Table-3

| | 2009-10 (Prov.) | | 2010-11 (Prov.) | | %Rise(+)/ Reduction (-) from 2009-10 |
|---|---|---|---|---|---|
| | OERC Approval | Actual | OERC Approval | Actual upto Sept,2010 | |
| **A. DISTRIBUTION LOSS (%)** | | | | | |
| CESU | 26.30% | 39.43% | 25.37% | 37.59% | -1.84% |
| NESCO | 23.00% | 32.52% | 18.46% | 32.76% | 0.24% |
| WESCO | 22.50% | 34.68% | 19.93% | 37.20% | 2.52% |
| SOUTHCO | 27.92% | 48.02% | 27.82% | 47.79% | -0.23% |
| ALL ORISSA | 24.45% | 37.24% | 22.22% | 37.54% | 0.30% |
| **B. COLLECTION EFFICIENCY (%)** | | | | | |
| CESU | 98.00% | 97.09% | 98.00% | 91.47% | -5.62% |
| NESCO | 98.00% | 95.24% | 98.00% | 84.39% | -10.85% |
| WESCO | 98.00% | 98.38% | 98.00% | 88.85% | -9.53% |
| SOUTHCO | 98.00% | 95.89% | 98.00% | 85.10% | -10.79% |
| ALL ORISSA | 98.00% | 96.96% | 98.00% | 88.28% | -8.68% |
| **C. AT & C LOSS (%)** | | | | | |
| CESU | 27.77% | 41.19% | 26.86% | 42.91% | 1.72% |
| NESCO | 24.54% | 35.73% | 20.09% | 43.25% | 7.52% |
| WESCO | 24.05% | 35.74% | 21.53% | 44.21% | 8.47% |
| SOUTHCO | 29.36% | 50.16% | 29.27% | 55.57% | 5.41% |
| ALL ORISSA | 25.96% | 39.15% | 23.77% | 44.86% | 5.71% |

NB: 1) When BST including transmission charges was 143.20 P/U (122.2 P/U BSP + 21 P/U Tr. Charge including SLDC) for 2009-10 & Average collection per unit input was 180.89 P/U as against estimated 196.32 P/U in the ARR.

2)When BST including transmission charges was 193.93 P/U (170.25 P/U BSP + 23.68 P/U Tr. Charge including SLDC) & Average collection per unit input was 205.56 P/U (upto Sept.2010) as against estimated 244.37 P/U in the ARR.

# LT Performance of DISCOMs

## Table-4

| | 2009-10 (Prov.) | | 2010-11 (Prov.) | | %Rise(+)/ Reduction (-) from 2009-10 |
|---|---|---|---|---|---|
| | OERC Approval | Actual | OERC Approval | Actual upto Sept,2010 | |
| **A. L T LOSS (%)** | | | | | |
| **CESU** | 35.04% | 51.97% | 29.40% | 50.11% | - 1.86% |
| **NESCO** | 33.19% | 55.83% | 29.40% | 54.94% | - 0.89% |
| **WESCO** | 35.86% | 62.49% | 29.40% | 62.55% | 0.06% |
| **SOUTHCO** | 29.50% | 56.22% | 29.40% | 54.52% | - 1.70% |
| **ALL ORISSA** | **34.04%** | **56.26%** | **29.40%** | **55.04%** | **-1.22%** |
| **B. COLLECTION EFFICIENCY IN LT (%)** | | | | | |
| **CESU** | 98.00% | 96.51% | 98.00% | 83.6% | - 12.91% |
| **NESCO** | 98.00% | 77.43% | 98.00% | 59.9% | - 17.53% |
| **WESCO** | 98.00% | 76.01% | 98.00% | 64.9% | - 11.11% |
| **SOUTHCO** | 98.00% | 92.77% | 98.00% | 76.3% | - 16.47% |
| **ALL ORISSA** | **98.00%** | **87.62%** | **98.00%** | **73.9%** | **-13.72%** |
| **C. AT & C LOSS FOR LT (%)** | | | | | |
| **CESU** | 36.34% | 53.65% | 30.81% | 58.26% | 4.61% |
| **NESCO** | 34.53% | 65.80% | 30.81% | 73.02% | 7.22% |
| **WESCO** | 37.14% | 71.49% | 30.81% | 75.69% | 4.20% |
| **SOUTHCO** | 30.91% | 59.39% | 30.81% | 65.31% | 5.92% |
| **ALL ORISSA** | **35.36%** | **61.68%** | **30.81%** | **66.80%** | **5.12%** |

**NB: 1) When BST including transmission charges was 143.20 P/U (122.2 P/U BSP + 21 P/U Tr. Charge including SLDC) for 2009-10 & Average LT collection per unit input was 95.36 P/U as against estimated 118.73 P/U in the ARR.**

**2) When BST including transmission charges was 193.93 P/U (170.25 P/U BSP + 23.68 P/U Tr. Charge including SLDC) for 2010-11 & Average LT collection per unit input was 104.61 P/U (upto Sept.2010) as against estimated 154.76 P/U in the ARR.**

# ବିଦ୍ୟୁତ୍ ବଣ୍ଟନ କମ୍ପାନୀମାନେ କଣ କହୁଛନ୍ତି ... କ୍ରମଶ

- ବିଦ୍ୟୁତ ନିୟାମକ ଆୟୋଗ ବିଦ୍ୟୁତ୍ ବିତରଣ ଜନିତ କ୍ଷତି ଏବଂ ସର୍ବମୋଟ ବୈଷୟିକ ଓ ବାଣିଜ୍ୟିକ କ୍ଷତିକୁ ଏକ ନିର୍ଦ୍ଦିଷ୍ଟ ସ୍ତରରେ ରଖି ବିଦ୍ୟୁତ୍ ଶୁଳ୍କ ନିର୍ଦ୍ଧାରଣ କରୁଥିବାରୁ ଏବଂ ଏହି ବିଦ୍ୟୁତ୍ ବିତରଣ ଜନିତ କ୍ଷତି ଏବଂ ସର୍ବମୋଟ ବୈଷୟିକ ଓ ବାଣିଜ୍ୟିକ କ୍ଷତି ତାଠାରୁ ବହୁତ ଅଧିକ ହୋଇଥିବାରୁ ବିଦ୍ୟୁତ ବିତରଣ କମ୍ପାନୀମାନେ ଯେତିକି ଆୟ ଆକଳନ କରୁଅଛନ୍ତି ସେହି ଅନୁସାରେ ଆୟ ହୋଇପାରୁନାହିଁ । ଉଦାହରଣ ସ୍ୱରୂପ ୨୦୦୯-୧୦ ଆର୍ଥିକ ବର୍ଷପାଇଁ ଆୟୋଗ ବିଦ୍ୟୁତ୍ ବିତରଣ ଜନିତ କ୍ଷତି ୨୪.୪୫% ଏବଂ ବୈଷୟିକ ଓ ବାଣିଜ୍ୟିକ କ୍ଷତି ୨୫.୯୬% ହିସାବକୁ ନେଇ ବିଦ୍ୟୁତ୍ ଶୁଳ୍କ ନିର୍ଦ୍ଧାରଣ କରିଥିଲେ କିନ୍ତୁ ବର୍ଷ ଶେଷରେ ଦେଖାଗଲା ଯେ ବିତରଣ ଜନିତ କ୍ଷତି ୩୭.୨୪% ଏବଂ ବୈଷୟିକ ଓ ବାଣିଜ୍ୟିକ କ୍ଷତି ୩୯.୧୫% ହୋଇଛି । ସେହିପରି ଆୟୋଗ ୨୦୧୦-୧୧ ମସିହାରେ ବିଦ୍ୟୁତ୍ ବିତରଣ କ୍ଷତି ୨୨.୨୨% ଏବଂ ବୈଷୟିକ ଓ ବାଣିଜ୍ୟିକ କ୍ଷତି ୨୩.୭୭% ହିସାବକୁ ନେଇ ବିଦ୍ୟୁତ ଶୁଳ୍କ ନିର୍ଦ୍ଧାରଣ କରିଅଛନ୍ତି । ଯେହେତୁ ବର୍ଷ ବର୍ଷ ଧରି ବଣ୍ଟନ କ୍ଷେତ୍ରରେ ସେପରି କିଛି ଆଖିଦୃଶିଆ ଭାବରେ ପୁଞ୍ଜି ବିନିଯୋଗ ହୋଇନାହିଁ ଏବଂ ବିଦ୍ୟୁତ୍ ଚୋରି ଅନ୍ୟ ରାଜ୍ୟ ତୁଳନାରେ ଓଡିଶାରେ ବହୁତ ଘଟୁଅଛି, ତେଣୁ ବିଦ୍ୟୁତ୍ ବଣ୍ଟନ କ୍ଷେତ୍ରରେ ବୈଷୟିକ ଓ ବାଣିଜ୍ୟିକ କ୍ଷତିର ହାର ଅଧିକ ହେଉଛି ।

# ARR Proposal of Licensee vis-à-vis Commission's Approval

## Table- 5

| Year | 2007-08 | 2008-09 | 2009-10 | 2010-11 | 2011-12 |
|---|---|---|---|---|---|
| **GRIDCO** | | | | | |
| ARR Projected by GRIDCO | 3,085.95 | 3,345.54 | 3,929.04 | 5,480.22 | 6,605.02 |
| ARR Approved by OERC for GRIDCO (incl. loan repayment) | 2,724.07 | 2,562.28 | 3,194.96 | 4,237.34 | |
| Avg. BSP Proposed by GRIDCO P/U | 192.87 | 184.39 | 209.82 | 262.89 | 290.26 |
| Avg. BSP approved P/U | 121.59 | 122.15 | 122.20 | 170.25 | |
| **OPTCL** | | | | | |
| ARR Projected by OPTCL (Incl. SLDC) | 675.34 | 655.78 | 1,092.80 | 1,458.41 | 1,585.39 |
| ARR Approved by OERC for OPTCL (Incl. SLDC) | 373.72 | 376.57 | 403.81 | 488.70 | |
| Tr. Charge proposed by P/U | 41.41 | 33.05 | 56.74 | 68.72 | 68.68 |
| Tr. Charge approved P/U | 22.00 | 21.00 | 20.50 | 23.50 | |
| **DISCOMs** | | | | | |
| ARR Projected by DISCOMs | 5,615.28 | 4,478.07 | 5,170.24 | 6,513.42 | 7,946.75 |
| ARR Approved by OERC for DISCOMs | 3,585.52 | 3,588.49 | 3,827.48 | 5,009.35 | |
| Avg. RST approved P/U | 295.36 | 281.40 | 265.15 | 320.58 | |
| Overall Distribution Loss Projected by DISCOMs | 34.0 | 33.4 | 33.6 | 35.6 | 34.8 |
| Overall Distribution loss approved by OERC | 27.1 | 27.0 | 24.5 | 22.2 | 21.70% as per BP |
| Overall AT&C Loss Projected by DISCOMs | 39.0 | 36.6 | 36.4 | 37.8 | 36.1 |
| Overall AT&C loss approved by OERC | 31.4 | 30.4 | 26.0 | 23.8 | 22.48% as per BP |

# ବିଦ୍ୟୁତ୍ ବଣ୍ଟନ କମ୍ପାନୀମାନେ କଣ କହୁଛନ୍ତି... କ୍ରମଶ

- ସମସ୍ତ ଜିନିଷର ଦରଦାମ ବର୍ଷକୁ ବର୍ଷ ବୃଦ୍ଧି ପାଉଥିଲାବେଳେ ୨୦୦୧-୦୨ ମସିହାଠାରୁ ୨୦୦୯-୧୦ ପର୍ଯ୍ୟନ୍ତ ମୋଟାମୋଟି Retail Tariff ବଢ଼ିନାହିଁ । ଯଦିଓ ଆଗରୁ ପ୍ରାୟ ବର୍ଷକୁ ବର୍ଷ ୨୯%ରୁ ୫% ପର୍ଯ୍ୟନ୍ତ Tariff୍ ବୃଦ୍ଧି ହେଉଥିଲା । ୨୦୧୦-୧୧ ମସିହାରେ ଯାହା ୨୨.୨୦% (୩୨୦.୫୮ପ – ୨୬୫.୧୫ ପ) ମୋଟାମୋଟି ବଢ଼ିଲା ତାହା ମୁଖ୍ୟତଃ ଗ୍ରୀଡ଼କୋର Power Purchase Cost ବାବଦକୁ ୪୮.୦୫ ପଇସା (୧୭୦.୨୫ପ - ୧୨୨.୨୦ ପ) ଓ OPTCL ର Transmission Charge ୩ ପଇସା (୨୩.୫୦ପ -୨୦.୫ ପ) ଅଧିକା ଦେବାକୁ ପଡୁଥିବା ବେଳେ ଓ ଅବଶିଷ୍ଟ Distribution Company ମାନଙ୍କୁ ମିଳୁଅଛି

**Table-6**

| Year | Average Tariff Rise (%) |
|---|---|
| 1993-94 | 28.58 % |
| 1994-95 | 15.73 % |
| 1995.96 | 17.47 % |
| 1996-97 | 17.00 % |
| 1997-98 | 10.33 % |
| 1998-99 | 9.30 % |
| 1999-00 | 4.50 % |
| 2000-01 | 10.23 % |
| 2001-02 to 2009-10 | 0% |
| 2010-11 | 22.2% |

# ବିଦ୍ୟୁତ୍ ବଣ୍ଟନ କମ୍ପାନୀମାନେ କଣ କହୁଛନ୍ତି... କ୍ରମଶ

- ବିଦ୍ୟୁତ୍ ଶୁଳ୍କ ବାବଦରେ ଯାହା ଆୟ ହେଉଛି ତାହା କର୍ମଚାରିମାନଙ୍କର ଦରମା ଓ ପେନ୍‌ସନ୍, ଗ୍ରୀଡକୋ ଠାରୁ ବିଦ୍ୟୁତକ୍ରୟର ମୂଲ୍ୟ, ଓପିଟିସିଏଲକୁ ସଂଚାରଣ ଭାର ଇତ୍ୟାଦିକୁ ଭରଣା କଲାପରେ ସେମାନଙ୍କପାଖରେ ଅଧିକା କିଛି ପୁଞ୍ଜି ବଳୁନଥିବାରୁ ସେମାନେ ସେମାନଙ୍କର ଦୈନଦିନ ମରାମତି ଓ ରକ୍ଷଣାବେକ୍ଷଣ ଠିକ୍ ସମୟରେ କରିପାରୁନାହାଁନ୍ତି ।
- ପୁନଶ୍ଚ ଯାହାବି ଅର୍ଥ ବଳୁଛି ତାହା ଗ୍ରୀଡକୋ ସମୟରେ ପୂର୍ବରୁ ବାକିଥିବା ଏବଂ ତା ପରବର୍ତ୍ତୀ ସମୟର ବିଦ୍ୟୁତ କ୍ରୟ ବାବଦକୁ ଏଥିରୁ ଦେବାକୁ ପଡୁଛି ।
- ଯେଉଁ ସ୍ଥାନରେ ବିଦ୍ୟୁତ ଟ୍ରାନ୍ସଫରମର୍ ପୋଡିଯାଇଅଛି ସେଠାର ଅଧିକାଂଶ ଲୋକଙ୍କ ଉପରେ ବିଦ୍ୟୁତ ଦେୟ ବାକିଥିବାରୁ ଏବଂ ବିତରଣ କମ୍ପାନୀମାନଙ୍କ ପାଖରେ ଅନ୍ୟ ସୂତ୍ରରୁ କୌଣସି ପୁଞ୍ଜି ନଥିବାରୁ ସେମାନେ ବାଧ ହୋଇ ବିଦ୍ୟୁତ୍ ଦେୟ ପଇଠ କଲେ ଟ୍ରାନ୍ସଫରମର୍ ବସିବ ବୋଲି ଉପଭୋକ୍ତାମାନଙ୍କୁ କହୁଛନ୍ତି ।

# ବିଦ୍ୟୁତ୍ ବଣ୍ଟନ କମ୍ପାନୀମାନେ କଣ କହୁଛନ୍ତି... କ୍ରମଶ

- ଯେଉଁଠାରେ ଲୋ ଭୋଲଟେଜ୍ ହେଉଅଛି ସେଠାରେ କେବଳ ବିଦ୍ୟୁତ ବିତରଣ ଟ୍ରାନ୍ସଫରମର ର capacity ଅଭାବରୁ ହେଉନାହିଁ । ଅନେକ କ୍ଷେତ୍ରରେ ଓପିଟିସିଏଲ୍‌ର ଗ୍ରୀଡ ସବଷ୍ଟେସନ୍‌ର capacity କମ୍ ଥିବାରୁ ଯଥେଷ୍ଟ ବିଦ୍ୟୁତ୍‌ଶକ୍ତି ବିତରଣ ଟ୍ରାନ୍ସଫରମରକୁ ପ୍ରବାହିତ ହେବା ସମ୍ଭବ ହେଉନାହିଁ ।
- ତେଣୁ ପ୍ରଥମେ ଓପିଟିସିଏଲକୁ ଗ୍ରୀଡ ସବଷ୍ଟେସନ୍ ଓ ପରିବହନ ଲାଇନଗୁଡିକ ପରିବର୍ତ୍ତନ କରିବା ସଙ୍ଗେ ସଙ୍ଗେ ବିତରଣ କମ୍ପାନୀମାନେ distribution network ଏବଂ ଟ୍ରାନସଫରମର ଗୁଡିକୁ ପରିବର୍ତ୍ତନ କରିବାକୁ ପଡିବ ।
- ଅନେକ କ୍ଷେତ୍ରରେ କେତେକ ଅସାଧୁ ଓ ଅନଧିକୃତ ଉପଭୋକ୍ତାମାନେ କର୍ମଚାରୀମାନଙ୍କୁ ମାରଧର କରୁଛନ୍ତି ଏବଂ ସେଥିପାଇଁ ତୁରନ୍ତ ଉପଯୁକ୍ତ ପଦକ୍ଷେପ ଏବଂ ସୁରକ୍ଷା ଦିଆଯାଉନାହିଁ ଯାହାଫଳରେ ଯେଉଁ ଉପଭୋକ୍ତାମାନେ ବିଦ୍ୟୁତ୍ ଶୁଳ୍କ ଠିକ୍ ସମୟରେ ପୈଠ କରନ୍ତି ସେମାନେ ମଧ ବିଦ୍ୟୁତ୍ ଦେୟରେ ଖିଲାପ କରିବାକୁ ପଛଉନାହାଁନ୍ତି । କାରଣ ସେମାନେ ଭାବୁଛନ୍ତି ଅନ୍ୟ ଉପଭୋକ୍ତାମାନେ ବର୍ଷ ବର୍ଷ ଧରି ବିଦ୍ୟୁତ୍ ଦେୟ ନଦେଇ ମଧ ବିଜୁଳିଶକ୍ତି ବ୍ୟବହାର କରୁଥିବାବେଳେ ଆମେ କାହିଁକି ବିଦ୍ୟୁତ୍ ଦେୟ ପୈଠ କରିବୁ ।
- ବିପିଏଲ୍ ପରିବାରମାନେ ମାସକୁ ୩୦ ୟୁନିଟ୍ ଖର୍ଚ୍ଚ କଲେ ବର୍ତ୍ତମାନ ମାସକୁ ମାତ୍ର ୩୦ ଟଙ୍କା ଦେବାକୁ ପଡୁଛି ଅଥଚ ୟୁନିଟ ପିଛା ବିଦ୍ୟୁତ୍ ଯୋଗାଣର ମୂଲ୍ୟ ୨୦୧୦-୧୧ ମସିହାରେ ୩୨୭.୩୭ ପଇସା ରହିଛି ଓ ଏହା ୨୦୧୧-୧୨ ମସିହାରେ ଉତ୍ପାଦନ, ପରିବହନ ଓ ବିତରଣ ଖର୍ଚ୍ଚ ବୃଦ୍ଧି ଯୋଗୁ ହାରାହାରି ବିଦ୍ୟୁତ୍ ଯୋଗାଣର ୟୁନିଟ୍ ପିଛା ମୂଲ୍ୟ ୪୦୦ ପଇସାରୁ ଅଧିକା ହୋଇପାରେ। ଅନ୍ୟ ପକ୍ଷରେ ବର୍ତ୍ତମାନ ବିପିଏଲ ଗ୍ରାହକ ମାତ୍ର ୮୯୨୧୫ ଥିଲାବେଳେ ୨୦୧୧-୧୨ ମସିହା ଆରମ୍ଭ ବେଳକୁ ପ୍ରାୟ ୬୫୭୮୬୪ ହେବ ଏବଂ ସେହି ବର୍ଷର ଶେଷ ସୁଦ୍ଧା ୪୦ ଲକ୍ଷକୁ ବୃଦ୍ଧି ପାଇବ । ତେଣୁ ଏ ବାବଦରେ ବିତରଣ କମ୍ପାନୀମାନଙ୍କର କ୍ଷତି ବହୁ ପରିମାଣରେ ବଢ଼ିଯିବ ।
- ବିପିଏଲ୍ ଉପଭୋକ୍ତା ମାନଙ୍କ କ୍ଷେତ୍ରରେ ଏହି ରିହାତି ଦେବା ଫଳରେ ଯେଉଁ ଆର୍ଥିକ ବୋଝ ହେବ ତାହକୁ କିଏ ବହନ କରିବ ତାହା ଆଲୋଚନା ଯୋଗ୍ୟ ।

# ରାଜ୍ୟ ସରକାର କଣ କରୁଛନ୍ତି

- OSEB ଓ GRIDCO ସମୟରେ ବିଦ୍ୟୁତ୍ ବିତରଣ ଜନିତ କ୍ଷତି ଏବଂ ସର୍ବମୋଟ ବୈଷୟିକ ଓ ବାଣିଜ୍ୟିକ କ୍ଷତି ବର୍ଷକୁ ବର୍ଷ ବୃଦ୍ଧି ପାଉଥିବାରୁ ଏବଂ ଏହି କ୍ଷତି ଭରଣା କରିବାପାଇଁ ରାଜ୍ୟସରକାର ଉପରେ ଅଧିକରୁ ଅଧିକ ଆର୍ଥିକ ବୋଝ ପଡୁଥିବାରୁ ରାଜ୍ୟସରକାର ୧.୪.୧୯୯୬ ମସିହାଠାରୁ ବିଦ୍ୟୁତ ସଂସ୍କାର କାର୍ଯ୍ୟକ୍ରମ ହାତକୁ ନେଲେ । ୧୯୮୯-୯୦ ମସିହାରେ ରାଜ୍ୟସରକାର ବର୍ଷକୁ ପ୍ରାୟ ୩୩ କୋଟି ଟଙ୍କା ସବ୍‌ସିଡି ଦେବାକୁ ପଡୁଥିବାବେଳେ ୧୯୯୫-୯୬ ରେ ତାହା ୨୫୭.୫୯ କୋଟିରେ ପହଞ୍ଚିଥିଲା । ତା ୩୧.୩.୧୯୯୬ ସୁଦ୍ଧା ରାଜ୍ୟସରକାର ଗ୍ରୀଡକୋକୁ ୩୬୯ କୋଟି ଟଙ୍କା ସବ୍‌ସିଡି ଦେବାକୁ ବାକିଥିଲା । ଯଦି ବିଦ୍ୟୁତ ସଂସ୍କାର ହୋଇନଥାନ୍ତା ତେବେ ଏହି ସବ୍‌ସିଡି ରାଜ୍ୟସରକାରଙ୍କୁ ଚାଲୁରଖିବାକୁ ପଡୁଥାଆନ୍ତା ଏବଂ ଏହା ବର୍ଷକୁ ପ୍ରାୟ ୧୦୦୦ କୋଟିରୁ ଅଧିକ ହୋଇଥାଆନ୍ତା ।

## Table-7

| AGGREGATE TECHNICAL AND COMMERCIAL LOSS (ACTUAL) | | |
|---|---|---|
| **Financial Year** | **Distribution Loss (%)** | **AT&C LOSS (%)** |
| 1978-79 | **18.24%** | **30.4%** |
| 1989-90 | **23.97%** | **31.9%** |
| 1990-91 | **45.30%** | **52.1%** |
| 1994-95 | **46.59%** | **54.6%** |
| 1995-96 | **46.95%** | **51.1%** |
| 1996-97 | **49.47%** | **56.7%** |
| 1997-98 | **49.24%** | **58.8%** |
| 1998-99 | **51.02%** | **60.9%** |
| **Privatisation of Distribution w.e.f.01.04.1999** | | |
| 1999-00 | **43.91%** | **56.7%** |
| 2000-01 | **44.01%** | **55.9%** |
| 2008-09 | **37.50%** | **41.9%** |
| 2009-10 | **37.24%** | **39.2%** |
| 2010-11 (upto Sept,10) | **37.54%** | **44.9%** |
| 2010-11 (approval) | **22.22%** | **23.8%** |
| 2011-12 (approval in the Business Plan) | **21.70%** | **22.5%** |

# ରାଜ୍ୟ ସରକାର କଣ କରୁଛନ୍ତି

- ବିଦ୍ୟୁତ୍ ବିତରଣ ଜନିତ କ୍ଷତି ଏବଂ ସର୍ବମୋଟ ବୈଷୟିକ ଓ ବାଣିଜ୍ୟିକ କ୍ଷତିକମାଇବା ଏବଂ ବିଦ୍ୟୁତ ଯୋଗଣରେ ଉନ୍ନତି ଆଣିବାପାଇଁ ବିଦ୍ୟୁତ୍ ବିତରଣ କମ୍ପାନୀମାନଙ୍କୁ ଦାୟିତ୍ୱ ଦିଆଯାଇଛି ତେଣୁ ସେମାନେ ଏ ଦିଗରେ ବିହିତ କାର୍ଯ୍ୟାନୁଷ୍ଠାନ କରିବା ଦରକାର । ରାଜ୍ୟସରକାର ସେମାନଙ୍କୁ ବିଦ୍ୟୁତ୍ ଚୋରୀ ରୋକିବାରେ ସାହାଯ୍ୟ କରୁଅଛି ଓ କରିବେ ମଧ । ଏଥିପାଇଁ ବିତରଣ କମ୍ପାନୀମାନେ ନିଜେ ସ୍ୱତଃ ପ୍ରେରଣା ନେବା ଆବଶ୍ୟକ ।
- ଇତିମଧରେ distribution network upgradation କରିବାପାଇଁ ରାଜ୍ୟ ସରକାର ୧୨୦୦ କୋଟି ଟଙ୍କା ବିନିଯୋଗ କରିବାପାଇଁ ସ୍ଥିର କରିଅଛି ଏବଂ ବିତରଣ କମ୍ପାନୀମାନେ ସେହିପରିମାଣର ନିଜସ୍ୱ ପୁଞ୍ଜି ବିନିଯୋଗ କରିବାପାଇଁ ନିର୍ଦ୍ଦେଶ ଦେଇଅଛନ୍ତି ।
- distribution network upgradation ହେବା ସଙ୍ଗେ ସଙ୍ଗେ ବିଦ୍ୟୁତଚୋରୀ ରୋକିବାପାଇଁ ବିତରଣ କମ୍ପାନୀମାନେ ସକ୍ରିୟ କାର୍ଯ୍ୟକ୍ରମ ଗ୍ରହଣ କରିବାରେ ରାଜ୍ୟ ସରକାର ମଧ ସାହାଯ୍ୟ ଓ ସହଯୋଗ କରିବେ । ଏଥିପାଇଁ ୩୧.୩.୨୦୧୧ ସୁଦ୍ଧା ସମସ୍ତ ୩୪ ଟା ବିଦ୍ୟୁତ୍ ଥାନା କାର୍ଯ୍ୟକାରୀ ହେବାପାଇଁ ଓ ବିଦ୍ୟୁତ୍ ଚୋରୀ ରୋକିବାପାଇଁ ଯେପରି ବିଦ୍ୟୁତ୍ଥାନା ଗୁଡିକ ଠିକ୍ ଭାବରେ କାର୍ଯ୍ୟକରିବେ ଜଣେ ବରିଷ୍ଠ ପୁଲିସ ଅଫିସରଙ୍କୁ ନିର୍ଦ୍ଦିଷ୍ଟଭାବେ ଦାୟିତ୍ୱ ଦିଆଯିବା ପାଇଁ ସରକାର ସ୍ଥିର କରିଛନ୍ତି ।
- ବିଭିନ୍ନ ଅଞ୍ଚଳରେ ଲୋ ଭୋଲଟେଜ୍ ସମସ୍ୟା ସମାଧାନ କରିବାପାଇଁ ରାଜ୍ୟର ବିଭିନ୍ନ ଅନୁନ୍ନତ ଓ ଦୁର୍ଗମ ଅଞ୍ଚଳରେ ଗ୍ରୀଡ ସବ୍ଷ୍ଟେସନ ଓ ଟ୍ରାନସ୍ମିସନ ଲାଇନ ନିର୍ମାଣ କରିବାପାଇଁ ରାଜ୍ୟସରକାର ଓପିଟିସିଏଲ୍ କୁ ୧୦୦ କୋଟି ଟଙ୍କା ଅଂଶଧନ ହିସାବରେ ଯୋଗାଇଦେଇ ସାରିଛନ୍ତି ଓ ୨୦୧୧-୧୨ରୁ ୨୦୧୫-୧୬ ମଧରେ ବର୍ଷକୁ ୬୦ କୋଟି ଟଙ୍କା ହିସାବରେ ୫ ବର୍ଷରେ ୩୦୦ କୋଟି viable gap funding ଆକାରରେ ପାଣ୍ଠି ଯୋଗାଇ ଦେବାକୁ ସ୍ଥିର କରିଛନ୍ତି ।

# ଇଲେକ୍ଟ୍ରିସିଟି ଆକ୍ଟ, ୨୦୦୩ ଏବଂ ଓଡିଶା ବିଦ୍ୟୁତ୍ ନିୟାମକ ଆୟୋଗଙ୍କ କାର୍ଯ୍ୟ

- ବିଦ୍ୟୁତ୍ ନିୟାମକ ଆୟୋଗଙ୍କ କାର୍ଯ୍ୟ ଓ ଦାୟିତ୍ୱ ବିଦ୍ୟୁତ୍ ଅଧିନିୟମ ୨୦୦୩ ଧାରା ୮୬ ରେ ଲିପିବଧହୋଇଛି । ସେଗୁଡିକ ମଧରୁ କେତେକ ପ୍ରମୁଖ କାର୍ଯ୍ୟ ହେଉଛି ;
- ଏହି କାର୍ଯ୍ୟକ୍ରମ ମଧ୍ୟରେ ବିଦ୍ୟୁତ ଉତ୍ପାଦନ, ପରିବହନ ଓ ଯୋଗାଣକାରୀ ସଂସ୍ଥାମାନଙ୍କ ପାଇଁ ବିଦ୍ୟୁତ ବିକ୍ରୟ ମୂଲ୍ୟ ନିର୍ଦ୍ଧାରଣ କରିବା
- ରାଜ୍ୟମଧ୍ୟରେ ଥିବା ବିଦ୍ୟୁତ ଯୋଗାଣକାରୀ ସଂସ୍ଥାମାନଙ୍କର ବିଦ୍ୟୁତ୍ କ୍ରୟମୂଲ୍ୟ ଓ ବିଭିନ୍ନସୂତ୍ରରୁ ବିଦ୍ୟୁତକ୍ରୟ ପ୍ରଣାଳୀର ନିୟନ୍ତ୍ରଣକରିବା
- ବିଦ୍ୟୁତ୍ ଉତ୍ପାଦନ ଓ ଯୋଗାଣକାରୀ ସଂସ୍ଥାମାନଙ୍କ ମଧ୍ୟରେ ଥିବା ବିବାଦର ସମାଧାନ କରିବା
- ବିଦ୍ୟୁତ୍ ଶୁଳ୍କ ନିର୍ଦ୍ଧାରଣ କରିବା ଆୟୋଗର ଏକ ମୁଖ୍ୟ କାର୍ଯ୍ୟ । ଏହି ବିଦ୍ୟୁତ୍ ଶୁଳ୍କ ନିର୍ଦ୍ଧାରଣ କରିବାକୁ ଆୟୋଗକୁ ଇଲେକ୍ଟ୍ରିସିଟି ଆକ୍ଟ, ୨୦୦୩ ର ଧାରା ୬୧, ନ୍ୟାସନାଲ୍ ଇଲେକ୍ଟ୍ରିସିଟି ପଲିସି, ୨୦୦୫, ଟାରିଫ୍ ପଲିସି, ୨୦୦୬ ଅନୁସାରେ କାର୍ଯ୍ୟ କରିବାକୁ ପଡିଥାଏ ।
- ଇଲେକ୍ଟ୍ରିସିଟି ଆକ୍ଟ, ୨୦୦୩ ର ଧାରା ୬୧ର କେତୋଟି ମୁଖ୍ୟ ଅଂଶକୁ ଏଠାରେ ଉଲ୍ଲେଖ କରାଯାଇପାରେ ।
- ବିଦ୍ୟୁତ୍ ସେବାରେ ଉନ୍ନତି, ବିଦ୍ୟୁତ୍ ଶିଳ୍ପର ବିକାଶ ସହିତ ଉପଭୋକ୍ତାମାନଙ୍କର ସ୍ୱାର୍ଥରକ୍ଷା କରିବା କମିଶନଙ୍କ ଲକ୍ଷ ଅଟେ ।

# ବିଦ୍ୟୁତ୍ ଶୁଳ୍କ ନିର୍ଦ୍ଧାରଣ ନିୟମ:

*Section 61 of the Electricity Act, 2003 : Tariff Regulations*

- *61. The Appropriate Commission shall, subject to the provisions of this Act, specify the terms and conditions for the determination of tariff, and in doing so, shall be guided by the following, namely:-*
- *(a) the principles and methodologies specified by the Central Commission for determination of the tariff applicable to generating companies and transmission licensees;*
- ***(b) the generation, transmission, distribution and supply of electricity are conducted on commercial principles;***
- ***(c) the factors which would encourage competition, efficiency, economical use of the resources, good performance and optimum investments;***
- ***(d) safeguarding of consumers' interest and at the same time, recovery of the cost of electricity in a reasonable manner;***
- *(e) the principles rewarding efficiency in performance;*
- *(f) multi year tariff principles;*
- ***(g) that the tariff progressively reflects the cost of supply of electricity and also, reduces and eliminates cross-subsidies within the period to be specified by the Appropriate Commission;***
- ***(h) the promotion of co-generation and generation of electricity from renewable sources of energy;***
- *(i) the National Electricity Policy and tariff policy:*

# ବିଦ୍ୟୁତ୍ ଶୁଳ୍କ କିପରି ନିର୍ଦ୍ଧାରଣ କରାଯାଏ

- ବିଦ୍ୟୁତ ଶୁଳ୍କ ଉପଭୋକ୍ତାମାନଙ୍କୁ ବିଦ୍ୟୁତ୍ ଯୋଗାଇଦେବାର ମୂଲ୍ୟ ଅଟେ ।
- ଏହ ମଧ୍ୟରେ ବିଭିନ୍ନ ଖର୍ଚ୍ଚ ଯଥା ବିଦ୍ୟୁତ୍ ଉତ୍ପାଦନ (Generation) ଖର୍ଚ୍ଚ, ସରବରାହ ଜନିତ (Transmission) ଖର୍ଚ୍ଚ ଓ ବିତରଣ ଜନିତ (Distribution) ଖର୍ଚ୍ଚ ଅର୍ନ୍ତଭୁକ୍ତ ଅଟେ ।
- ବିଦ୍ୟୁତ୍ ଉତ୍ପାଦନ ପାଇଁ ଆମେ ରାଜ୍ୟର ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ର ତଥା କେନ୍ଦ୍ର ସରକାରଙ୍କର ଓ ଘରୋଇ ବିଦ୍ୟୁତ୍ ଉତ୍ପାଦନକାରୀଙ୍କ ଉପରେ ନିର୍ଭରଶୀଳ ।
- ବିଦ୍ୟୁତ୍ ଉତ୍ପାଦନ (Generation) ଖର୍ଚ୍ଚରେ କୋଇଲା, ତୈଳ ପ୍ରଭୃତି କଞ୍ଚାମାଲର ମୂଲ୍ୟ (Variable cost), ବିଦ୍ୟୁତ୍ କେନ୍ଦ୍ର ସ୍ଥାପନ, ରକ୍ଷଣାବେକ୍ଷଣ (O&M) ଖର୍ଚ୍ଚ ଓ କର୍ମଚାରୀଙ୍କ ଦରମା ଇତ୍ୟାଦି ସାମିଲ ଥାଏ।
- ସେହିପରି ବିଦ୍ୟୁତ୍ ସରବରାହ (Transmission) ଖର୍ଚ୍ଚରେ ଉଚ୍ଚ ଶକ୍ତିସମ୍ପନ୍ନ ବିଦ୍ୟୁତ୍ ଲାଇନ ଓ ସବ୍‌ଷ୍ଟେସନ ବସାଇବାର ଖର୍ଚ୍ଚ, କର୍ମଚାରୀଙ୍କ ଦରମା ଇତ୍ୟାଦି ଅର୍ନ୍ତଭୁକ୍ତ ।
- ବିଦ୍ୟୁତ୍ ଶକ୍ତି ବିତରଣ କମ୍ପାନୀଙ୍କ ନିକଟରେ ପହଞ୍ଚିବା ପରେ ଏଥିରେ ବିଦ୍ୟୁତ୍ ବିତରଣ (Distribution) ଜନିତ ଖର୍ଚ୍ଚ ଯଥା ଲାଇନ ଓ ସବ୍‌ଷ୍ଟେସନ ବସାଇବାର ଖର୍ଚ୍ଚ, ରକ୍ଷଣାବେକ୍ଷଣ ଖର୍ଚ୍ଚ ଓ କର୍ମଚାରୀଙ୍କ ଦରମା ଇତ୍ୟାଦି ମିଶିଥାଏ ।
- ଏହିଭଳି ବିଭିନ୍ନ ସ୍ତରରେ ହେଉଥିବା ଖର୍ଚ୍ଚ ଯଥା ଉତ୍ପାଦନଠାରୁ ଉପଭୋକ୍ତା ପର୍ଯ୍ୟନ୍ତ ମିଶି ବିଦ୍ୟୁତ୍ ଶୁଳ୍କ (Tariff) ନିର୍ଦ୍ଧାରିତ ହୋଇଥାଏ ।

# ବିଦ୍ୟୁତ୍ ଶୁଳ୍କ ବୃଦ୍ଧିର କାରଣ

- କୋଇଲା , ବିଦ୍ୟୁତ ସଂରଞ୍ଜାମର ଦରବୃଦ୍ଧି ଓ କର୍ମଚାରୀମାନଙ୍କର ଦରମା ଓ ଭତ୍ତା ଇତ୍ୟାଦି ବୃଦ୍ଧି
- ଅଳ୍ପ ମୂଲ୍ୟରେ ମିଳୁଥିବା ଜଳବିଦ୍ୟୁତ୍ କେନ୍ଦ୍ରରେ ସ୍ୱଳ୍ପବୃଷ୍ଟିପାତ୍ ଜନିତ ଉତ୍ପାଦନ ହ୍ରାସ
- ଜଳ ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ରରୁ ସୁଳ୍ପ ମୂଲ୍ୟରେ ମିଳୁଥିବା ବିଦ୍ୟୁତ୍ ଶକ୍ତିର ପରିମାଣ କ୍ରମଶଃ ରାଜ୍ୟର ମୋଟ ଚାହିଦାର ଅଂଶ ବାବଦକୁ ୨୦୦୪-୦୫ରେ ୫୭% ଥିବାବେଳେ ୨୦୧୦-୧୧ରେ ୧୬.୭%କୁ ହ୍ରାସ ପାଇଛି । **(See Table 1)**
- ଶିଳ୍ପାୟନ ଓ ଉପଭୋକ୍ତା ସଂଖ୍ୟା ବୃଦ୍ଧି ଯୋଗୁଁ ଯୋଗାଣରେ ନିଅଣ୍ଟିଆ ପରିସ୍ଥିତି
- ରାଜ୍ୟରେ ବିଦ୍ୟୁତ୍ ନିଅଣ୍ଟିଆ ପରିସ୍ଥିତି ଯୋଗୁଁ ଜାତୀୟ ଗ୍ରୀଡ୍‌ରୁ **UI** (ଏକ ବାଣିଜ୍ୟିକ ବ୍ୟବସ୍ଥା)ରେ ଅଧିକ ମୂଲ୍ୟରେ ବିଦ୍ୟୁତ୍ କ୍ରୟ
- ବିଦ୍ୟୁତ୍ ଚୋରି ଜନିତ ଜାତୀୟ ସମ୍ପତି ନଷ୍ଟ ହେବାରୁ ବିତରଣ କମ୍ପାନୀର ରାଜସ୍ୱ ହ୍ରାସ
- ବିଦ୍ୟୁତ ଦେୟ ଠିକ ସମୟରେ ନିୟମିତ ଭରଣା ନ କରିବା ଫଳରେ ବ୍ୟବସାୟୀକ କ୍ଷତି
- ବିଦ୍ୟୁତ ଲାଇନ, ଟ୍ରାନ୍ସଫରମର ଇତ୍ୟାଦିର ଠିକ ସମୟରେ ରକ୍ଷଣାବେକ୍ଷଣ ଅଭାବରୁ ବିଦ୍ୟୁତ ବିତରଣ ଜନିତ ବୈଷୟିକ କ୍ଷତିରେ ବୃଦ୍ଧି

# ଶେଷ କଥା

- ବର୍ତ୍ତମାନ ରାଜ୍ୟର ସାମାଜିକ ଓ ଅର୍ଥନୈତିକ କ୍ଷେତ୍ରରେ ଉନ୍ନତି ଘଟିବାରୁ ବିଦ୍ୟୁତ୍ ଚାହିଦା ବୃଦ୍ଧି ପାଇବାରେ ଲାଗିଛି ଏବଂ ସେହି ପରିମାଣର ବିଦ୍ୟୁତ୍ ଶକ୍ତି ଉତ୍ପାଦନ ହୋଇପାରିନାହିଁ ।
- ଏଥି ସହିତ ବିଦ୍ୟୁତ୍ ଯୋଗାଣ କ୍ଷେତ୍ରରେ ସାମୁହିକ ବିଦ୍ୟୁତ୍ ବିତରଣଜନିତ କ୍ଷତିର ପରିମାଣ ବହୁଳ ଭାବରେ ବୃଦ୍ଧି ପାଇଛି ଯାହାକି ବର୍ତ୍ତମାନ ଘଟୁଥିବା ବିଦ୍ୟୁତ୍ ସଙ୍କଟର ମୁଖ୍ୟ କାରଣ । ଏଥିପାଇଁ ବିଦ୍ୟୁତ୍ ଚୋରୀ ମୁଖ୍ୟତ ଦାୟୀ ।
- ତେଣୁ ବିଦ୍ୟୁତ୍ ଯୋଗାଣକାରୀ ସଂସ୍ଥାମାନେ ସେମାନଙ୍କର ବିଦ୍ୟୁତ୍ ବିତରଣ ଜନିତ କ୍ଷତି ତଥା ବୈଷୟିକ ଓ ବାଣିଜ୍ୟିକ କ୍ଷତି ହ୍ରାସ କରିବା ନିହାତି ଆବଶ୍ୟକ ।
- ଏଠାରେ ସୂଚାଇ ଦିଆଯାଇପାରେଯେ ବିଦ୍ୟୁତ୍ ନିୟାମକ ଆୟୋଗ ଯେହେତୁ ପ୍ରକୃତ କ୍ଷତି ଠାରୁ କମ୍ କ୍ଷତିକୁ ହିସାବକୁ ନେଇ ବିଦ୍ୟୁତ୍ Tariff ନିର୍ଦ୍ଧାରଣ କରିଆସୁଛନ୍ତି (2009-10 AT&C loss 39.15% but OERC approved 23.8% for 2010-11) ବିତରଣ କମ୍ପାନୀମାନେ କ୍ଷତି କମାଇଲେ ତାହାର ପ୍ରଭାବ Tariff ଉପରେ ପଡ଼ିବ ନାହିଁ ବା Tariff କମିବ ନାହିଁ । ମାତ୍ର ବର୍ତ୍ତମାନ AT&C loss OERC approve କରୁଥିବା loss ଠାରୁ ଅଧିକା ହୋଇଥିବାରୁ ଏହି AT&C loss କମିଲେ ବିତରଣ କମ୍ପାନୀମାନେ ସେ loss ବାବଦକୁ ବିଦ୍ୟୁତ୍ ଶୁଳ୍କ (1% loss is equal to about Rs. 50 core) ଅଧିକା ଆଦାୟ କରି Distribution network ର ଭଲଭାବରେ ରକ୍ଷଣାବେକ୍ଷଣ କରିପାରିବେ ଓ ଉନ୍ନତମାନର ବିଦ୍ୟୁତ ସେବା ଯୋଗାଇ ଦେଇପାରିବେ ।
- ଏଥିପାଇଁ ରାଜ୍ୟ ସରକାର ଓ ବିଦ୍ୟୁତ୍ ଯୋଗାଣକାରୀ ସଂସ୍ଥାମାନଙ୍କ ମଧ୍ୟରେ ସମନ୍ୱୟ ଓ ଉଦ୍ୟମ ସଙ୍ଗେ ସଙ୍ଗେ ସାଧାରଣ ଉପଭୋକ୍ତାମାନଙ୍କର ସଚେତନତା ଓ ସହଯୋଗର ଜରୁରୀ ଆବଶ୍ୟକତା ରହିଛି ।

# ଶେଷ କଥା

- ରାଜ୍ୟସରକାର ଓ ବିଦ୍ୟୁତ୍ ଯୋଗାଣକାରୀ ସଂସ୍ଥାମାନେ ପୁଞ୍ଜି ବିନିଯୋଗ କରି ବିତରଣ ପ୍ରଣାଳୀରେ ଉନ୍ନତି ଆଣିବା ସଙ୍ଗେ ସଙ୍ଗେ ଜନସାଧାରଣ ଅସାଧୁ ଉପଭୋକ୍ତାମାନଙ୍କ ଦ୍ୱାରା ହେଉଥିବା ବିଦ୍ୟୁତ୍ ଚୋରୀ ରୋକିବାରେ ଆନ୍ଧ୍ର, ପଶ୍ଚିମବଙ୍ଗ, ମହାରାଷ୍ଟ୍ରରେ ଯେପରି ବଳିଷ୍ଠ ପଦକ୍ଷେପ ନିଆଯାଇଛି ସେପରି ପଦକ୍ଷେପ ରାଜ୍ୟସରକାର ଓ ବିତରଣ କମ୍ପାନୀ ନେବା ଦରକାର ।
- ବିଦ୍ୟୁତ୍ ବିତରଣଜନିତ କ୍ଷତି ଓ ବିଦ୍ୟତ୍ ଚୋରୀ ହ୍ରାସ ପାଇଲେ ଓ କୋଇଲା, ଯନ୍ତ୍ରପାତି, ଟ୍ରାନସଫରମର, ବିଦ୍ୟତ୍ ତାର, କେବୁଲ୍, କର୍ମଚାରୀ ମାନଙ୍କର ଦରମା, ପେନସନ ବାବଦକୁ ବୃଦ୍ଧି ଇତ୍ୟାଦିକୁ ହିସାବକୁ ନେଇ ବିଦ୍ୟୁତ୍ ବରିତଣ ମୂଲ୍ୟ ଉପଯୁକ୍ତଭାବେ ନିର୍ଦ୍ଧାରଣ କରାଗଲେ ଓ ବିଦ୍ୟୁତ ଉପଭୋକ୍ତାମାନେ ବିଦ୍ୟୁତ ଦେୟ ଠିକ୍ ସମୟରେ ପୈଠକଲେ ବିଦ୍ୟତ୍ ସେବାରେ ଉନ୍ନତି ଆସିପାରିବ
- ରାଜ୍ୟ ବିଦ୍ୟୁତ୍ କ୍ଷେତ୍ରର ଉନ୍ନତି ହେଲେ ରାଜ୍ୟର ସାମଗ୍ରିକ ବିକାଶ ସମ୍ଭବ ହୋଇପାରିବ ।
- ଏଥିପାଇଁ ମାନ୍ୟବର ଲୋକପ୍ରତିନିଧି, ଜନସାଧାରଣ, ବିଦ୍ୟୁତ୍ ଉତ୍ପାଦନକାରୀ, ଗ୍ରୀଡକୋ, ଓପିଟିସିଏଲ, ବଣ୍ଟନକମ୍ପାନୀମାନେ, ସେମାନଙ୍କର କର୍ମଚାରୀ ଓ ସର୍ବୋପରି ବିଦ୍ୟୁତ୍ ଉପଭୋକ୍ତା ମାନେ ପରସ୍ପରର ସମସ୍ୟା ଭଲଭାବରେ ହୃଦୟଙ୍ଗମ କରି ସାହାଯ୍ୟ ଓ ସହଯୋଗ କରିବା ନିହାତି ଦରକାର ।
- ଜନସାଧାରଣଙ୍କର ବିନା ସାହାଯ୍ୟ ଓ ସହଯୋଗରେ ବିଦ୍ୟୁତ୍ ସେବାରେ ଉନ୍ନତି ଆଣିବାପାଇଁ ଆମର କାହାଣୀ ବା ପ୍ରୟାସ କେବଳ ଅଧାନୁହେଁ – ପୁରା ଠପ୍ ହୋଇଯିବ ।

# ଧନ୍ୟବାଦ